# NATIONAL NEWS BULLETIN (ODIA)

**7 March- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଗୁଜୁରାଟର ସୁରଟଠାରେ ଆଜି ସଂଧ୍ୟାରେ ସୁରଟ ଖାଦ୍ୟ ସୁରକ୍ଷା ଅଭିଯାନର ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।

- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ଜନୌଷଧି ଦିବସ ।

- ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆସନ୍ତାକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ହେବ 'ନାରୀଶକ୍ତିରୁ ବିକଶିତ ଭାରତ' ଶୀର୍ଷକ ସମ୍ମିଳନୀ ।

- ୨୦୨୭ ସୁଦ୍ଧା କେନ୍ଦ୍ର ସରକାର ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବେ କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।

ଏବଂ

- ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅଭିଯୁକ୍ତ ତହଉର୍ ରାଣାଙ୍କୁ ଭାରତ ପ୍ରତ୍ୟର୍ପଣ ଉପରେ ଲାଗିଥିବା ରୋକ ହଟାଇଲେ ଆମେରିକାର ସୁପ୍ରିମକୋର୍ଟ ।

---

## ପିଏମ୍ ଗୁଜୁରାଟ ଭିଜିଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସଂଧ୍ୟାରେ ଗୁଜୁରାଟର ସୁରଟ ଠାରେ 'ସୁରଟ ଖାଦ୍ୟ ସୁରକ୍ଷା ଅଭିଯାନ' ଶୁଭାରମ୍ଭ କରିବେ । ଏହି ଅଭିଯାନରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ୍ ଅଧୀନରେ ୨ ଲକ୍ଷରୁ ଅଧିକ ହିତାଧିକାରୀ

ଉପକୃତ ହେବେ । ଅନ୍ତୋଦୟ କଲ୍ୟାଣକୁ କାର୍ଯ୍ୟକାରୀ କରିବା ନେଇ ଗୁଜୁରାଟ ସରକାର ଅନ୍ୟାନ୍ୟ ସାମାଜିକ ସୁରକ୍ଷା ଯୋଜାନର ହିତାଧିକାରୀ ଥିବା ଗରିବ ପରିବାରଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ସୁବିଧା ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ସୁରଟ ଖାଦ୍ୟ ନିରାପତ୍ତା ଅଭିଯାନ ଅଧୀନରେ ପ୍ରାୟ ୨ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିବା ଜଣାପଡିଛି ।

# ପିଏମ୍-ଜନୌଷଧୀ

ଆଜି ଜନଔଷଧୀ ଦିବସ ସମଗ୍ର ଦେଶରେ ପାଳନ କରାଯାଉଛି । ଜନଔଷଧୀ ଯୋଜନାର ପ୍ରଚାର ପ୍ରସାର ଏବଂ ଏହାର ଜନସଚେତନତା କରିବା ପାଇଁ ଏହି ଦିବସ ପାଳନ କରାଯାଉଛି । ଦେଶର ସମସ୍ତ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ ପରିଯୋଜନା ଅଧୀନରେ ସୁଲଭ ମୂଲ୍ୟରେ ଗୁଣବତ୍ତା ବିଶିଷ୍ଟ ଜନଔଷଧୀ ଉପଲବ୍ଧ କରାଯାଉଛି । ଏହି ପଦକ୍ଷେପକୁ ସମର୍ଥନ ଦେବାପାଇଁ ରସାୟନ ଏବଂ ସାର ମନ୍ତ୍ରଣାଳୟ ପକ୍ଷରୁ ସାରା ଦେଶରେ ୭ ଦିନ ବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ କହିଛନ୍ତି ଜନୌଷଧୀ ଦିବସ ଲୋକଙ୍କୁ ସର୍ବୋଚ୍ଚ ଗୁଣାତ୍ମକ ଏବଂ ସୁଲଭ ମୂଲ୍ୟରେ ଔଷଧ ଯୋଗାଇବା ଏବଂ ସୁସ୍ଥ ଭାରତ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଜନୌଷଧୀ ମଡେଲ ସାରା ବିଶ୍ୱକୁ ପ୍ରେରଣା ଯୋଗାଉଛି । ଏବେ ହୃଦ୍ ଚିକିତ୍ସା ପୂର୍ବାପେକ୍ଷା ଅଧିକ ଶସ୍ତା ହୋଇଛି ଏବଂ

ପିଏମ୍ ନ୍ୟାସନାଲ ଡାଇଲେସିସ୍ କାର୍ଯ୍ୟକ୍ରମ କିଡ୍‌ନୀ ରୋଗୀଙ୍କ ପାଇଁ ବରଦାନ ସଦୃଶ ପାଲଟିଛି ।

ସୂଚନାଯୋଗ୍ୟ ଗତ ୨୦୦୮ ନଭେମ୍ବରରେ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ ପରିଯୋଜନା ଅଧୀନରେ ଦେଶର ବିଭିନ୍ନ ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧୀ କେନ୍ଦ୍ର ଗୁଡ଼ିକରେ ସୁଲଭ ମୂଲ୍ୟରେ ଗ୍ରାହକମାନଙ୍କୁ ଗୁଣବତ୍ତା ଔଷଧ ଯୋଗାଇ ଦେବା ଆରମ୍ଭ ହୋଇଥିଲା । ବଜାରରେ ଏହି ଯୋଜନା ଅଧୀନରେ ୫୦ରୁ ୮୦ ପ୍ରତିଶତ ରିହାତି ଦରରେ ଏହି ଔଷଧଗୁଡ଼ିକ ଉପଲବ୍ଧ ହେଉଛି । ଦେଶର ବିଭିନ୍ନ ଜିଲ୍ଲାରେ ୧୫ହଜାରରୁ ଅଧିକ ଜନଔଷଧୀ କେନ୍ଦ୍ର ଗୁଡ଼ିକ ଖୋଲାଯାଇ ବିଭିନ୍ନ ଲୋକଙ୍କୁ ଆତ୍ମନିଯୁକ୍ତି ପ୍ରଦାନ କରିବା ସହ ଗ୍ରାହକମାନଙ୍କୁ ସୁଲଭ ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି ।

---

## ନଡ୍ଡା-ପଟେଲ ଜନୌଷଧି

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରସାଦ ନଡ୍ଡା କହିଛନ୍ତି ପ୍ରଧାନମନ୍ତ୍ରୀ ଭାରତୀୟ ଜନଔଷଧି ପରିଯୋଜନା ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଛି । ସେ କହିଛନ୍ତି ଏବେ ୧୫ହଜାରରୁ ଅଧିକ ଜନୌଷଧି କେନ୍ଦ୍ର ୧୦ଲକ୍ଷ ଲୋକଙ୍କୁ ସେବା ଯୋଗାଉଛି ଏବଂ ୫୦ ପ୍ରତିଶତରୁ ୯୦ ପ୍ରତିଶତ ରିହାତି ଦରରେ ଉନ୍ନତମାନର ଔଷଧ ଯୋଗାଇ ଦେଉଛି । ସେ କହିଛନ୍ତି ପ୍ରତ୍ୟେକ ଭାରତୀୟଙ୍କୁ ଅତି ଆବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇବା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ଉଦ୍ଦିଷ୍ଟ ।

**V/O**

କେନ୍ଦ୍ର ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ କହିଛନ୍ତି ସୁଲଭ ଏବଂ ଗୁଣାତ୍ମକ ଔଷଧର ନୂତନ ମାନଦଣ୍ଡ ସ୍ଥାପନ କରାଯାଇ ଭାରତୀୟ ଜନୌଷଧି ପ୍ରକଳ୍ପ ଜରିଆରେ ପ୍ରତ୍ୟେକ ଭାରତୀୟଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଛି । କୋଟି କୋଟି ଲୋକଙ୍କ ଜୀବନରେ ଏହା ଉନ୍ନତି ଆଣିବା ସହିତ ଲୋକମାନଙ୍କ ପାଇଁ ବରଦାନ ସଦୃଶ ହୋଇଛି ବୋଲି ସେ କହିଛନ୍ତି ।

# ଆନ୍ତର୍ଜାତିକ-ମହିଳା ଦିବସ

ଆନ୍ତର୍ଜାତିକ ମହିଳା ଦିବସ ବିଶ୍ୱବ୍ୟାପି ଆସନ୍ତାକାଲି ପାଳନ କରାଯିବ । ଏହି ଦିନ ସାଂସ୍କୃତିକ, ଆର୍ଥିକ, ଜାତିଗତ ଓ ଭାଷାଗତ ନିର୍ବିଶେଷରେ ବିଶ୍ୱବ୍ୟାପି ମହଳାମାନଙ୍କୁ ସେମାନଙ୍କର ସଫଳତା ପାଇଁ ସମ୍ମାନିତ କରାଯାଇଥାଏ । ଚଳିତ ବର୍ଷ ଆନ୍ତର୍ଜାତିକ ମହିଳା ଦିବସର ବାର୍ତ୍ତା ହେଉଛି – "ସମସ୍ତ ମହିଳା ଓ ଝିଅମାନଙ୍କ ପାଇଁ ଅଧିକାର, ସମାନତା ଓ ସଶକ୍ତିକରଣ" ।

ସୂଚନା ଯୋଗ୍ୟ କିଛି ଦିନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ମହିଳାମାନଙ୍କୁ ସେମାନଙ୍କର ପ୍ରେରଣାଦାୟୀ ଜୀବନ ଯାତ୍ରାର ଅନୁଭୂତି ନମୋ ଆପ୍ ମାଧ୍ୟମରେ ଜଣାଇବାକୁ ଆହ୍ୱାନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସାମାଜିକ ଗଣମାଧ୍ୟମ ଆକାଉଣ୍ଟସ୍ ମାଧ୍ୟମରେ ମହିଳାମାନେ ଆସନ୍ତାକାଲି ସେମାନଙ୍କର ବାର୍ତ୍ତା ଓ ଅନୁଭୂତି ବାଣ୍ଟି ପାରିବେ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି । ଏହି ସ୍ୱତନ୍ତ୍ର ଅଭିଯାନ ମହିଳାମାନଙ୍କ ସଫଳତା ଓ

ଅବଦାନକୁ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ସହିତ ଅନ୍ୟମାନଙ୍କୁ ଅନୁପ୍ରାଣିତ କରିବାରେ ସହାୟକ ହେବ ।

## ପ୍ରେସିଡେଣ୍ଟ-ମହିଳା ଦିବସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନୂଆଦିଲ୍ଲୀରେ ଆସନ୍ତାକାଲି ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଅନୁଷ୍ଠିତ ହେବାକୁ ଥିବା ଏକ ଜାତୀୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । 'ନାରୀ ଶକ୍ତିରୁ ବିକଶିତ ଭାରତ' ଶୀର୍ଷକ ଆଧାରିତ ଏହି ସମ୍ମିଳନୀକୁ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଆୟୋଜନ କରୁଛି । ସମ୍ମିଳନୀରେ ମୋ ଭାରତ ସ୍ୱେଚ୍ଛାସେବୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କ ସମେତ ସେନା ବାହିନୀ, ଅର୍ଦ୍ଧସାମରିକ ବାହିନୀ, ଦିଲ୍ଲୀ ପୁଲିସ୍‌ର ଅଧିକାରୀମାନେ ଯୋଗଦେବେ । ସମ୍ମିଳନୀରେ ବିଶ୍ୱ ବ୍ୟାଙ୍କ୍, ୟୁନିସେଫ୍, ୟୁ.ଏନ୍.ଡି.ପି., ମହିଳା ଜାତିସଂଘ ଓ ୟୁ.ଏନ୍.ଏଫ୍.ପି.ଏ.ର ସଦସ୍ୟମାନେ ମଧ୍ୟ ଉପସ୍ଥିତ ରହିବେ । ଆନ୍ତର୍ଜାତିକ ମହିଳା ଦିବସ ନାରୀମାନଙ୍କର ବହୁମୁଖୀ ପ୍ରତିଭା ଓ ଶକ୍ତି ସମ୍ପର୍କରେ ଆଲୋଚନା କରିବାର ଏକ ଅବସର ବୋଲି ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି ।

**V/O-**

---

# ସିଆଇଏସ୍ଏଫ୍ ଅମିତ ଶାହା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ୨୦୨୭ ସୁଦ୍ଧା ଭାରତକୁ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ କରିବେ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଥାକଲନଠାରେ ସିଆଇଏସ୍ଏଫ୍ର ୫୬ତମ ପ୍ରତିଷ୍ଠା ଦିବସରେ ଉଦ୍ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି ସିଆଇଏସ୍ଏଫ୍ ଦେଶ ବିକାଶରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ଏବଂ ଜନସାଧାରଣଙ୍କ ସୁରକ୍ଷା ପାଇଁ ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନ ଗୁଡ଼ିକରେ କାର୍ଯ୍ୟ କରୁଛି । ସେ କହିଛନ୍ତି ଦେଶ ବିକାଶରେ ତାମିଲନାଡୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ସିଆଇଏସ୍ଏଫ୍ ଆଞ୍ଚଳିକ ପ୍ରଶିକ୍ଷଣ କେନ୍ଦ୍ରକୁ ରାଜଦ୍ୱିତ୍ୟା ଚୋଲାନଙ୍କ ନାମରେ ନାମିତ କରିଛି ।

**V/O (Amit Saha)**

ଦୁଇବର୍ଷ ଧରି ଆହ୍ୱାନ ସତ୍ତ୍ୱେ ତାମିଲ ଭାଷାରେ ଡାକ୍ତରୀ ପାଠପଢ଼ା ଆରମ୍ଭ କରିନଥିବାରୁ ସେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନଙ୍କୁ ସମାଲୋଚନା କରିଛନ୍ତି । ଏହି ଅବସରରେ ବାୟୁସେନାର ୨୨ଜଣ ଯବାନଙ୍କୁ ପଦକ ପ୍ରଦାନ କରିବା ଗୌରବର ବିଷୟ ବୋଲି ଶ୍ରୀ ଶାହା କହିଛନ୍ତି । ଟ୍ରେନ୍, ମେଟ୍ରୋ, ବିମାନ ବନ୍ଦର ଓ ବନ୍ଦର ଦେଇ ଯାତ୍ରା କରୁଥିବା ୧କୋଟି ଯାତ୍ରୀଙ୍କୁ ସିଆଇଏସ୍ଏଫ୍ ସୁରକ୍ଷା ଯୋଗାଇ ଦେଉଛି ବୋଲି ଶ୍ରୀ ଶାହା କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି ଦେଶର ୨୫୦ଟି ବନ୍ଦର ସିଆଇଏସ୍ଏଫ୍ର ସୁରକ୍ଷାରେ ରହିବ ।

ଅନ୍ୟପକ୍ଷରେ ସିଆଇଏସ୍ଏଫ୍ ମହିଳା ଅଧିକାରୀଙ୍କୁ ୧୨୪ଟି ବ୍ୟାରାକ ଦିଆଯିବା ସହ ସରକାର ୩ଲକ୍ଷ ସିଆଇଏସ୍ଏଫ୍ ଯବାନ ପରିବାରକୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି ।

## ୨୬/୧୧ ପିଟିସନ ରିଜେକ୍ଟ

୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣର ଅଭିଯୁକ୍ତ ତହଉର୍ ରାଣାଙ୍କୁ ଭାରତ ପ୍ରତ୍ୟାର୍ପଣ ଉପରେ ରୋକ ଲଗାଇବା ପାଇଁ ହୋଇଥିବା ଆବେଦନକୁ ଆମେରିକା ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ପାକିସ୍ତାନୀ ବଂଶୋଦ୍ଭବ କାନାଡାର ନାଗରିକ ତହଉର୍ ରାଣା ସେଠାରେ ରହିବା ପାଇଁ ଆବେଦନ କରିଥିଲେ । ଭାରତକୁ ପ୍ରତ୍ୟାର୍ପଣ ଆମେରିକା ଆଇନ୍ ଏବଂ ଜାତିସଂଘ ଆଇନ୍‌ର ଉଲ୍ଲଂଘନ କରିବ ବୋଲି ସେ ଦର୍ଶାଇଥିଲେ । ସେ ତାଙ୍କ ଆବେଦନରେ ଦର୍ଶାଇଥିଲେ ଯେ ତାଙ୍କର ଅନେକଗୁଡ଼ିଏ ରୋଗ ଅଛି, ଯେଉଁଥିରେ ମୁତ୍ରାଶୟ କର୍କଟ, କିଡନୀ ଭଳି ରୋଗ ରହିଥିବା ଦସ୍ତାବିଜ ପ୍ରସ୍ତୁତ କରିଥିଲେ ।

ଗତମାସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରାଣାର ପ୍ରତ୍ୟର୍ପଣକୁ ମଞ୍ଜୁରୀ ଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ଟ୍ରମ୍ପ ଘୋଷଣା କରିଥିଲେ ରାଣାଙ୍କ ପ୍ରତ୍ୟର୍ପଣକୁ ମଞ୍ଜୁରୀ ପ୍ରଦାନ କରାଯାଇଛି । ପାକିସ୍ତାନର ଲସ୍କର-ଏ-ତୋଏବା ଆତଙ୍କବାଦୀଙ୍କ ଦ୍ୱାରା ୨୦୦୮ରେ ମୁମ୍ବାଇ ୨୬/୧୧ ଆକ୍ରମଣରେ ସଂପୃକ୍ତି ଥିବା ଅଭିଯୋଗରେ ଭାରତ ପ୍ରତ୍ୟର୍ପଣ ପାଇଁ ଆବେଦନ କରିଥିଲେ । ୨୦୦୮ ନଭେମ୍ବର ୨୬ରେ ସେ ମୁମ୍ବାଇକୁ ଆତଙ୍କବାଦୀ ମାନଙ୍କୁ ପଠାଇବା ପାଇଁ ସହାୟତା ଯୋଗାଇଥିବା ଅଭିଯୋଗ ହୋଇଥିଲା ।

# ଏସ୍‌ସି ଜଜେସ୍

ସୁପ୍ରିମକୋର୍ଟ କଲେଜିୟମ ଜାମ୍ମୁ-କାଶ୍ମୀର ଓ ଲଦାଖର ୩ ଜଣ ଅତିରିକ୍ତ ବିଚାରପତିଙ୍କୁ ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ଦେବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ସ୍ଥାୟୀ ବିଚାରପତି ଭାବେ ନିଯୁକ୍ତି ପାଇଁ ସୁପାରିଶ କରାଯାଇଥିବା ବିଚାରପତିମାନେ ହେଉଛନ୍ତି ଜଷ୍ଟିସ ୱାସିମ୍ ସାଦ୍ଦିକ ନାରଗାଲ, ଜଷ୍ଟିସ ରାଜେଶ ଶେଖରୀ ଏବଂ ଜଷ୍ଟିସ ମହମ୍ମଦ ୟୁସୁଫ ୱାଣି । ଜାମ୍ମୁ-କାଶ୍ମୀର ଓ ଲଦାଖ ହାଇକୋର୍ଟରେ ୨୫ଜଣ ବିଚାରପତିଙ୍କ ମଞ୍ଜୁରୀପ୍ରାପ୍ତ ପଦବୀ ଥିବାବେଳେ ଏବେ ମାତ୍ର ୧୫ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି ।

---

# ଡବ୍ଲ୍ୟୁପିଏଲ୍

ମହିଳା ପ୍ରିମିୟର ଲିଗ୍ କ୍ରିକେଟ୍‌ରେ ଗୁଜୁରାଟ ଜ୍ୟାଣ୍ଟ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଆଜି ରାତି ୭ଟା ୩୦ ମିନିଟ୍‌ରେ ଲକ୍ଷ୍ନୌର ଅଟଳ ବିହାରୀ ବାଜପେୟୀ ଏକନା କ୍ରିକେଟ ଷ୍ଟାଡିୟମରେ ମୁକାବିଲା ହେବ ।

ଗତକାଲି  ଅନୁଷ୍ଠିତ ମ୍ୟାଚ୍‌ରେ ମୁମ୍ବଇ ଇଣ୍ଡିଆନ୍ସ' ୟୁପି ୱାରିୟର୍ସକୁ ୬ ୱିକେଟ୍‌ରେ ପରାସ୍ତ କରିଛି । ଏହି ପରାଜୟ ସହିତ ୟୁପି ୱାରିୟର୍ସର ପ୍ଲେଅଫ୍ ଖେଳିବା ସମ୍ଭାବନା ପ୍ରାୟ ଶେଷ ହୋଇଛି । ଗତକାଲି ୟୁପି ୱାରିୟର୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ୱିକେଟ୍ ବିନିମୟରେ ୧୫୦ ରନ୍ ସଂଗ୍ରହ କରିଥିଲା । ମୁମ୍ବାଇ ଇଣ୍ଡିଆନ୍ସ ୯ଟି ବଲ୍ ବାକିଥାଇ ବିଜୟ ହାସଲ କରିଥିଲା । ପଏଣ୍ଟ ତାଲିକାରେ ଦିଲ୍ଲୀ କ୍ୟାପିଟାଲ୍ସ ୧୦ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ମୁମ୍ବାଇ ଇଣ୍ଡିଆନ୍ସ ୮ ପଏଣ୍ଟରେ ଦ୍ୱିତୀୟ ସ୍ଥାନରେ ଏବଂ ଗୁଜୁରାଟ ଜାଏଣ୍ଟ୍ ୬ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି ।

---

# ଫୁଟ୍‌ବଲ୍

ଇଣ୍ଡିଆନ୍ ସୁପର୍ ଲିଗ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଆଜି ରାତି ୭ଟା ୩୦ ମିନିଟ୍‌ରେ କେରଳ ବ୍ଲାଷ୍ଟର୍ସ ଏଫ୍‌ସି ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ କୋଚିର ଜବାହରଲାଲ ନେହେରୁ ଷ୍ଟାଡିୟମରେ ମୁକାବିଲା ହେବ ।

ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ପଞ୍ଜାବ ଏଫ୍‌ସି' ହାଇଦ୍ରାବାଦ ଏଫ୍‌ସିକୁ ୩-୧ ଗୋଲ୍‌ରେ ହରାଇ ଦେଇଛି । ହାଇଦ୍ରାବାଦର ଗାଚିବାଉଲି ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ପଞ୍ଜାବ ପକ୍ଷରୁ ଲୁକ୍କା ମଜସେନ ଓ ଆଲେକ ସାଜି ଓଜି ଗୋଲ୍ ସ୍କୋର କରିଥିଲେ । ପଏଣ୍ଟ ତାଲିକାରେ ମୋହନ ବାଗାନ ୫୩ ପଏଣ୍ଟ ସହ ଶୀର୍ଷରେ ଥିବାବେଳେ ୪୮ପଏଣ୍ଟ ସହ ଗୋଆ ଦ୍ୱିତୀୟ ଏବଂ ୩୮ ପଏଣ୍ଟ ସହ ଉଭୟ ବେଙ୍ଗାଲୁରୁ ଏବଂ ଜାମସେଦପୁର ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି । ୩୩ ପଏଣ୍ଟ ସହ ଓଡ଼ିଶା ଷଷ୍ଠ ସ୍ଥାନରେ ରହିଛି ।